# ଏଫ୍‌ଏକ୍ୟୁ ମାନ କୋହଳ ଦାବିରେ ବିକ୍ଷୋଭ

## ଖରାପ ଧାନ କହି ମୁହଁ ଫେରାଉଛନ୍ତି ମିଲର

ଛତ୍ରପୁର,୨୪।୧(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ବିପୁଲିଙ୍ଗି ଓ ଖଲ୍ଲିକୋଟ ବ୍ଲକର ସାବୁଳିଆ ପଞ୍ଚାୟତର ଶତାଧିକ ଚାଷୀ ବିଭିନ୍ନ ସମସ୍ୟା ନେଇ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଡିସେମ୍ବର ୨୯ ତାରିଖରୁ ଧାନ କିଣା ଆରମ୍ଭ ହୋଇଥିଲେ ମଧ୍ୟ ମନ୍ଥର ଗତିରେ ଚାଲିଛି ପ୍ରକ୍ରିୟା। ଲଘୁଚାପଜନିତ ଲଗାଣ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଥିଲା। ଯାହାକିଛି ବଳକା ଧାନ ଥିଲା ତାକୁ ବିକ୍ରି କରି ଋଣ ପରିଶୋଧ ସହ ବର୍ଷକର ଆହାର ସାଇତି ରଖିବା ପାଇଁ ଚାଷୀ ଅଣ୍ଟା


ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭିଡିଥିବା ବେଳେ ମିଲରମାନେ ଧାନ ଖରାପ ବୋଲି କହି ମୁହଁ ଫେରାଉଛନ୍ତି। ଅନ୍ୟପକ୍ଷରେ ଭଲ ଧାନ ବସ୍ତା ପ୍ରତି ୭୫ କିଗ୍ରା ବଦଳରେ ୭୮ କିଗ୍ରା ନେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏପରିକି ଅଖା ପଇସା ମଧ୍ୟ ମିଲର ଦେଉନାହାନ୍ତି। ଏନେଇ ବ୍ଲକ ମାର୍କେଟିଂ ଇନ୍ସପେକ୍ଟରଙ୍କୁ ଜଣାଇଲେ ବି କୌଣସି ସୁଫଳ ମିଳିପାରୁନାହିଁ। ତେଣୁ ଧାନ କ୍ରୟ ପାଇଁ ମିଳିଥିବା ଟୋକନ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଧାନ କ୍ରୟ କରିବା ସହ ଧାନର ଏଫଏକ୍ୟୁ ମାନ କୋହଳ କରି ଅଖା ପଇସା ଦେବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହାର ନକଲ ଜିଲା ଯୋଗାଣ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିପୁଲିଙ୍ଗି ସରପଞ୍ଚ ଟି. ନରସିଂହ ରେଡ୍ଡୀ, ଚାଷୀନେତା ହେମନ୍ତ ନାହାକ, ପୂର୍ବତନ ସରପଞ୍ଚ ସୁବାଷ ଚୌଧୁରୀ, ସୋମନାଥ ନାହାକ, ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି,୨୪।୧(ଡି.ଏନ୍.ଏ.): ମହେନ୍ଦ୍ରତନୟା ନଦୀରେ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ସୋମବାର ପୋଲିସ ଜବତ କରିଛି। ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଥାନା ଅଧୀନରେ ଥିବା ବାଘଶାଳା ନିକଟରେ ମହେନ୍ଦ୍ରତନୟା ନଦୀରେ ରବିବାର ବୁଡ଼ଯାଇ ତେଜେଶ୍ୱର ରାଓ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ ଓ ଅଗ୍ନିଶମ କର୍ମଚାରୀ ବହୁ ଖୋଜାଖୋଜି ପରେ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ମୃତଦେହ ବାହାର କରି ପୋଲିସ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶିଶୁକନ୍ୟା ଦିବସ ପାଳିତ

କାଶୀନଗର,୨୪।୧-ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜ ତରଫରୁ ଆଭାସୀ ମାଧ୍ୟମରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ବାନାପିଲି ଆୟୋଜିତ ଆଭାସୀ ଆଲୋଚନାଚକ୍ରରେ ଡେରାଡୁନ ଆଇଏମ୍‌ଏର ସହକାରୀ ପ୍ରଫେସର ଡକ୍ଟର ଅଚିନ୍ତ୍ୟ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବିତ ଅମୃତ ମହୋତ୍ସବ ପାଳନ ଅବସରରେ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍ ୧, ୨, ୩ ର ପ୍ରୋଗ୍ରାମ ଅଫିସର ବିଶ୍ୱରଞ୍ଜନ ଗୌଡ଼, ସୁରେଶ ବିଶୋଇ, ଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଆସିକା,୨୪।୧(ଡି.ଏନ୍.ଏ.): ଆସିକା ଥାନା ଅନ୍ତର୍ଗତ ଲଛମନପଲ୍ଲୀ ଗ୍ରାମରେ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ରବୀନ୍ଦ୍ର ନାହାକ। ତାଙ୍କ ବିରୋଧରେ ନଂ.୩୫/୨୨ରେ ନିର୍ଯାତନା ଓ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି। ସୋମବାର ଅପରାହ୍ନରେ ରବୀନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଆହତ ମହିଳା ଜଣକ ଆସିକା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଥିବା ବେଳେ ତାଙ୍କ ମା' ପକାଡୋଳା ନାହାକ ଝିଅକୁ ନିର୍ଯାତନା ନେଇ ପୋଲିସରେ ଅଭିଯୋଗ କରିଥିଲେ।

### ବ୍ରହ୍ମପୁର ଏସ୍‌ପିଙ୍କ ଗୋଳନ୍ଥରା ଥାନା ଅଞ୍ଚଳ ଗସ୍ତ

ଗୋପାଳପୁର,୨୪।୧(ଡି.ଏନ.ଏ.) ଆଗାମୀ ଦିନରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ସୋମବାର ବ୍ରହ୍ମପୁର ଏସପି ପିନାକ ମିଶ୍ର ଗୋଳନ୍ଥରା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଅଚାନକ ଗସ୍ତରେ ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୋମବାର ବ୍ରହ୍ମପୁର ଏସ୍‌ପି ଓ ସଦର ଏସ୍‌ଡ଼ିପିଓ ଜୟନ୍ତ କୁମାର ମହାପାତ୍ର ଏହି ଥାନା ଅନ୍ତର୍ଗତ ମାର୍କଣ୍ଡି, ତୁଲୁ, ଇନ୍ଦ୍ରାକ୍ଷୀ ଓ ଅନ୍ୟାନ୍ୟ ଗ୍ରାମକୁ ଯାଇ ବୁଥ କେନ୍ଦ୍ର ପରିଦର୍ଶନ କରିବା ସହ ଆଇନ ଶୃଙ୍ଖଳା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହାବାଦ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେବା ସହ ସ୍ଥାନୀୟ ପୋଲିସ ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବାର୍‌ହା ଫାଶରେ ପଡି ଜଣଙ୍କ ମୃତ୍ୟୁ

ଗଞ୍ଜାମ,୨୪।୧(ଡି.ଏନ.ଏ.)

ରମ୍ଭା ଥାନା ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମରେ ବାରହା ଫାଶରେ ପଡି ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଗଣେଶ ବିଶ୍ୱାଳ (୪୦)। ରବିବାର ସନ୍ଧ୍ୟାରେ ନିକଟସ୍ଥ ଜଙ୍ଗଲରେ ବାରହା ମାରିବା ପାଇଁ ଫାଶ ପଡିଥିଲା। ରାତ୍ରରେ ମଦ୍ୟପାନ କରି ବାରହା ପଡିଛି କି ନାହିଁ ଦେଖିବା ପାଇଁ ଗଣେଶ ଯାଇଥିବା ବେଳେ ଅଜାଣତରେ ବାର୍‌ହା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ନିଜେ ଫସିଯାଇ ଜୀବନ ଚାଲିଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉକ୍ତ ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ରମ୍ଭା ଥାନାରେ ଏତଲା ହୋଇଥିଲା। ପୋଲିସ ପକ୍ଷରୁ ନଂ. ୩୮/୨୨ରେ ମାମଲା ରୁଜୁ କରାଯାଇଥିବା ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

## ୭ ଦିନ ପରେ ବି ମିଳିଲାନି ଧାନବିକ୍ରି ଟଙ୍କା

### କାଗଜ କଲମରେ ଖୋଲିଛି ମଣ୍ଡି

ଭଞ୍ଜନଗର,୨୪।୧(ଡି.ଏନ୍.ଏ.)

ଭଞ୍ଜନଗର ଉପଖଣ୍ଡରେ ଧାନମଣ୍ଡିଗୁଡିକ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଚାଷୀ ମଣ୍ଡିରେ ଧାନ ଦେବା ବ୍ୟବସ୍ଥା ହୋଇଛି। ହେଲେ ମଣ୍ଡି ଖୋଲାଯାଉ ନ ଥିବାରୁ ଚାଷୀ ଧାନ ନେଇ ମିଲରେ ଦେଉଛନ୍ତି। ଏହାଦ୍ୱାରା ଚାଷୀଙ୍କୁ ଅଧିକ ଖର୍ଚ୍ଚ ସହିବାକୁ ପଡୁଛି। ଅନ୍ୟପକ୍ଷରେ ଧାନ ବିକ୍ରି ପରେ ଚାଷୀଙ୍କ ଆକାଉଣ୍ଟକୁ ସୋସାଇଟିରୁ ନିର୍ଦ୍ଧାରିତ ସମୟରେ ଟଙ୍କା ଆସୁନାହିଁ। କେତେକ ସ୍ଥାନରେ ମିଲ୍‌ମାଲିକମାନେ ନିଜ ଇଚ୍ଛା ମୁତାବକ ଧାନ କିଣୁଛନ୍ତି। କେତେଜଣ ମିଲର ୧୦୦୧ କିସମ ଧାନ କିଣୁନାହାନ୍ତି। ଭଞ୍ଜନଗର ବ୍ଲକ ଗୋଲାପଡାର ବାସୁଦେବ ପ୍ରଧାନ ଗତ ୧୭ ତାରିଖରେ କୁଲାଡ଼ ସୋସାଇଟିରେ ଧାନ ବିକ୍ରି କରିଥିଲେ। ତେବେ ଧାନ ଦେବାର ୭ ଦିନ ବିତିଥିଲେ ମଧ୍ୟ ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ। ଏ ସମ୍ପର୍କରେ ଅଭିଯୋଗ ସୋସାଇଟିରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳନି ବୋଲି ବାସୁଦେବ କହିଛନ୍ତି।

ଏ ନେଇ ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ପଚାରିବାରେ, ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ଟଙ୍କା ଆସିଯିବା କଥା। କେଉଁଠି ତ୍ରୁଟି ଯୋଗୁ ସମସ୍ୟା ଥାଇପାରେ ବୋଲି କହିଛନ୍ତି। ଅଭିଯୋଗ ଆସିଲେ ଖୁବଶୀଘ୍ର ସମସ୍ୟାର ସମାଧାନ କରି ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ ବୋଲି ଜଣାଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଭଞ୍ଜନଗର ଉପଖଣ୍ଡରେ ମାର୍ଚ୍ଚ ସୁଦ୍ଧା ପ୍ରାୟ ୧୨ ଲକ୍ଷ କୁଇଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ରଖାଯାଇଛି। ସୋମବାର ସୁଦ୍ଧା ପ୍ରାୟ ୪ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଛି।

## ମିଲର ଧାନ ନେଉ ନ ଥିବାରୁ ଧାରଣା


ଧାରଣାରେ ବସିଥିବା ଚାଷୀ।

ପାରଳାଖେମୁଣ୍ଡି,୨୪।୧(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଚାଷୀ ପାରଳାଖେମୁଣ୍ଡି ଠାରେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅମଳ ସମୟରେ ହୋଇଥିବା ବର୍ଷାରେ ଧାନର ରଙ୍ଗ ପରିବର୍ତ୍ତନ ହୋଇଥିବାରୁ ତାହାକୁ ମିଲର ନେଉନାହାନ୍ତି। ଏହି ସମସ୍ୟାର ସମାଧାନ ଦାବିରେ ଚାଷୀମାନେ ଧାରଣାରେ ବସିଛନ୍ତି। ପୂର୍ବରୁ ଦୁଇ ଥର ଅଦିନିଆ ବର୍ଷା ଧାନ ଫସଲ ନଷ୍ଟ କରିଥିଲା। ପରେ ମଣ୍ଡି ପରିଚାଳନା ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦିଆଗଲା। ସେଥିରେ ଅନିୟମିତତା ଅଭିଯୋଗ ଆସିବା ପରଠୁ ମଣ୍ଡି ଠିକରେ ଚାଲି ପାରିଲାନି। ଏହାର ପ୍ରତିବାଦରେ ଆନ୍ଦୋଳନ କରୁଛନ୍ତି ଚାଷୀ।

## ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ

ପୋଲସରା,୨୪।୧(ଡି.ଏନ.ଏ.)

ପୋଲସରା ବ୍ଲକ ଘୋଡାପଲାଣ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ଯାହାକୁ ନେଇ ସୋମବାର ହାଡିଓଟ ସ୍ଥିତ ଜରାଶ୍ରମଠାରେ ଘୋଡାପଲାଣ ପଞ୍ଚାୟତର ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ପ୍ରାର୍ଥୀ ଧୀରେନ୍ଦ୍ର କୁମାର ସେଠୀ ଓ ଏଗାର ଅପ୍ରତିଦ୍ୱନ୍ଦ୍ୱୀ ୱାର୍ଡ ସଭ୍ୟ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ଘୋଡାପଲାଣ ପଞ୍ଚାୟତ ପୂର୍ବରୁ ବିଜେଡିର ଗଡ ଭାବେ ପରିଚିତ ରହି ଆସିଛି। ଏହି ଧାରାକୁ ବଜାୟ ରଖିଥିବାରୁ ପଞ୍ଚାୟତ ବାସୀଙ୍କୁ ଧନ୍ୟବାଦ ଜଣାଇବା ସହିତ ପଞ୍ଚାୟତର ବିକାଶକୁ ପ୍ରାଥମିକତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଘୋଡାପଲାଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ଦାସ, ପୂର୍ବତନ ସମିତିସଭ୍ୟ ପାବନ ନାୟକ, ପଞ୍ଚାୟତ ସଭାପତି ଭଗବାନ ପ୍ରଧାନ, ଜିଲା ପରିଷଦ ପ୍ରାର୍ଥିନୀ ଝୁନୁ ଦାସ, ଘନଶ୍ୟାମ ଦାସ, ସରପଞ୍ଚ ପ୍ରତିନିଧି ଧ୍ରୁବଚରଣ ଦାସଙ୍କ ସମେତ ଗ୍ରାମର ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟରେ ଚାଷୀଙ୍କ ବିକ୍ଷୋଭ

### ଧାନ ନେଉନି ସୋସାଇଟି

ଖଲ୍ଲିକୋଟ,୨୪।୧(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖୋଜାପଲ୍ଲୀ ପଞ୍ଚାୟତରେ ଚାଷୀଙ୍କ ଧାନ ସୋସାଇଟି ନେଉନଥିବାରୁ ସୋମବାର ଚାଷୀମାନେ ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ କରିଛନ୍ତି। ଖୋଜାପଲ୍ଲୀ ପଞ୍ଚାୟତରେ ଧାନ କିଣିବା ପାଇଁ ମହେଶ୍ୱରପୁର ସୋସାଇଟିକୁ ଦାୟିତ୍ୱ ଦିଆଯାଇଛି। ଧାନ କିଣିବା ପାଇଁ ଆଉ ମାତ୍ର ୪ ଦିନ ବାକି ରହିଥିବା ବେଳେ ଟାର୍ଗେଟ ଆସି ନାହିଁ ବୋଲି କହି ସୋସାଇଟି ଚାଷୀଙ୍କଠାରୁ ଧାନ କିଣୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖୋଜାପଲ୍ଲୀଠାରେ ଏକ ଧାନ ମଣ୍ଡି ଖୋଲିବା ପାଇଁ ପୂର୍ବରୁ ବିଡିଓ, ତହସିଲଦାର, ସିଡିପିଓ ଏବଂ ଛତ୍ରପୁର ଏଆରସିସିଙ୍କୁ ଆବେଦନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଖୋଜାପଲ୍ଲୀ ଚାଷୀ ରବି ସ୍ୱାଇଁଙ୍କ ସମେତ ବଳରାମ ଗୌଡ଼, ପ୍ରଫୁଲ୍ଲ ପରିଡ଼ା, ହଜାରୀ ଗୌଡ଼, ପରୁ ସାହୁ, ତ୍ରିନାଥ ପାଣି, ଦେବ ପ୍ରଧାନ, ଅଭି ସାହୁ, ବୈଦ୍ୟ ପରିଡ଼ା, ଜନକ ପରିଡ଼ା ଆଦି ୩୦ରୁ ଉର୍ଦ୍ଧ୍ୱ ଚାଷୀ ଆସି ବିଡିଓ ମିତାଲି ପାତ୍ରଙ୍କ ସହ ଆଲୋଚନା କରିଥିଲେ। ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ବିଡିଓ ପରାମର୍ଶ ଦେଇଥିଲେ। ତେବେ ଯୋଗାଣ ଅଧିକାରୀ ଧୀରେନ ସାହୁ ସୋମବାର ଅନୁପସ୍ଥିତ ଥିବାରୁ ତାଙ୍କ ସହିତ ଆଲୋଚନା କରି ପାରି ନଥିଲେ ଚାଷୀ। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ନିବେଦନ କରିବା ସହ ଯଦି ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆନ୍ଦୋଳନ କରିବେ ବୋଲି ଚାଷୀମାନେ କହିଛନ୍ତି।

## ଦୁଇ ଗାଡି ମୁହାଁମୁହିଁ, ଜଣେ ଚାଳକ ମୃତ

ଆସିକା,୨୪।୧(ଡି.ଏନ୍.ଏ.)

ଆସିକା ସହର ଉପକଣ୍ଠ ମୁକୁନ୍ଦପୁର ଛକରେ ରବିବାର ରାତ୍ର ପ୍ରାୟ ୧୧ଟାରେ ଏକ ପରିବା ବୋଝେଇ ପିକଅପ ଭ୍ୟାନ୍ ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେବାରୁ ପିକ୍‌ଅପ ଭ୍ୟାନ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଷୋଳଘର ଗ୍ରାମର ନାରାୟଣ ସାହୁ। ନାରାୟଣ ପରିବା ବୋଝେଇ ଗାଡି ଧରି ପୁରୁଷୋତ୍ତମପୁର ଫେରୁଥିଲା ବେଳେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆସିକା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତକଙ୍କ ଭିଣୋଇ ସୁଦାମ ସାହୁ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଯାଇଛି। ଆସିକା ଥାନାରେ ନଂ.୩୬/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ

ଫୁଲବାଣୀ ଅଫିସ, ୨୪।୧

ଆସନ୍ତା ମାସରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଭୋଟ ଗ୍ରହଣ ହେବ। ନୀତି ନିୟମ ମାନି କିଭଳି ସମସ୍ତ କାର୍ଯ୍ୟ କରାଯିବ ସେ ନେଇ ଏକ ପ୍ରସ୍ତୁତି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା.ବୃନ୍ଦା ଡି ଏଥିରେ ଅଧ୍ୟକ୍ଷତା କରିଥିଲେ। ମତଦାନ କେନ୍ଦ୍ରଗୁଡିକରେ ସର୍ବନିମ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଡିଓ ଏବଂ ତହସିଲଦାରମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। କନ୍ଧମାଳ ଜିଲା ପାଇଁ ନିଯୁକ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ଦେବେନ୍ କୁମାର ପ୍ରଧାନ ନିର୍ବାଚନ ପ୍ରକ୍ରିୟା ବେଳେ ବାରମ୍ବାର ଦେଖାଦେଉଥିବା ସମସ୍ୟା ଓ ସେଗୁଡ଼ିକର ସମାଧାନ ଉପରେ ସୂଚନା ଦେଇଥିଲେ। ଏସ୍‌ପି ଭିନୀତ୍ ଅଗ୍ରୱାଲ୍ ପୋଲିଂ ଅଧିକାରୀ ମାନଙ୍କର ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ଫେବୃୟାରୀ ୧୩ ସୁଦ୍ଧା ସମସ୍ତ ପ୍ରକାର ପ୍ରସ୍ତୁତିକାର୍ଯ୍ୟ ସମାପ୍ତ କରି ୧୫ରେ ବ୍ଲକରୁ ମତଦାନ କେନ୍ଦ୍ରକୁ ପୋଲିଂ ଅଧିକାରୀମାନଙ୍କୁ ପଠାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ଡଃ. ରତିକାନ୍ତ ଆଚାର୍ଯ୍ୟ ସୂଚନା ଦେଇଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ଉପ ଜିଲାପାଳ ଶେଷଦେବ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ଜେନା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର୍, ଏସଡିପିଓ, ଆଇଆଇସିମାନେ ଯୋଗ ଦେଇଥିଲେ।

## ବିଜେଡିରେ ମିଶିଲେ ପୂର୍ବତନ ସରପଞ୍ଚ

ଆସିକା,୨୪।୧(ଡି.ଏନ୍.ଏ.): ଆସିକା ଆସିକା ବ୍ଲକ ଖଣ୍ଡଦେଉଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରସନ୍ନ ସ୍ୱାଇଁଙ୍କ ସମେତ ପ୍ରଫୁଲ୍ଲ ବିଶୋଇ, ସୋମନାଥ ବିଶୋଇ, ସୁବାସ ପ୍ରଧାନ, କେଶବ ପଟ୍ଟନାୟକ ପ୍ରମୁଖ ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ମିଶିଛନ୍ତି। ସୋମବାର ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଜେଡି ଜିଲା ଉପସଭାପତି ଦିଲୀପ ପାଣିଗ୍ରାହୀ, ଯୁବ ନେତା ଭଗବାନ ସାହୁ, ବ୍ଲକ ବିଜେଡି ସଭାପତି ରାଜେଶ ପଟ୍ଟନାୟକ, ଛାତ୍ର ବିଜେଡି ରାଜ୍ୟ ସଂପାଦକ ବି. ମନୋଜ କୁମାର ଦୋରା, ଅଭିମନ୍ୟୁ ନାହାକ, ଭଗବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସାମିଲ କର୍ମୀଙ୍କ ମଧ୍ୟରେ ଅନ୍ୟ ଏକ ଦଳର ପ୍ରାର୍ଥୀଙ୍କ ଜଣେ ପ୍ରସ୍ତାବକ ମଧ୍ୟ ରହିଛନ୍ତି।

## ବୁଗୁଡ଼ା ବ୍ଲକର ୧୫ ବୁଥ୍ ଉତ୍ତେଜନା ପ୍ରବଣ

ବୁଗୁଡ଼ା,୨୪।୧(ଡି.ଏନ.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ପୋଲିସ ପକ୍ଷରୁ ରୋଡ଼ ମ୍ୟାପ ପ୍ରସ୍ତୁତ କରାଯାଇଛି। ବୁଗୁଡ଼ା ଥାନା ଅଞ୍ଚଳ ବୁଗୁଡ଼ା ବ୍ଲକର ୨୮୭ ବୁଥ, ଆସିକା ବ୍ଲକ ଗହଙ୍ଗୁ ପଞ୍ଚାୟତର ୮ ଓ ଜଗନ୍ନାଥପ୍ରସାଦ ବ୍ଲକ ମରେଇପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ନିମପଦର ଗ୍ରାମର ୯ ବୁଥକୁ ମିଶାଇ ସମୁଦାୟ ୩୦୪ ବୁଥ ରହିଥିବା ବେଳେ ସେଥିମଧ୍ୟରୁ ୧୫ ବୁଥ୍‌କୁ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ବ୍ଲକ ଅନ୍ତର୍ଗତ ପାଙ୍ଗିଡ଼ି ପଞ୍ଚାୟତର ପାଙ୍ଗିଡ଼ି ଓ ବେଲପଡା ବୁଥକୁ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଥିବା ବେଳେ ଅନ୍ତରପଡା ପଞ୍ଚାୟତର ଏକତାଳ, କରଚୁଲି ପଞ୍ଚାୟତର କରଚୁଲି, ସିଙ୍ଗିପୁର କଲୋନୀ ଓ କିରିଆମ୍ବା, କରସିଂ ପଞ୍ଚାୟତର ରାବଗଡ଼, ବିରଞ୍ଚିପୁର ପଞ୍ଚାୟତର ପଙ୍କଳସାହି, ଗୋଲିଆ ପଞ୍ଚାୟତର ବାଦୁଆ, ଗୋଲିଆ, ତାଳସର ଓ ଗୋଲିଆ ନୁଆଁ ସାହି, ଭାମସ୍ୟାଳି ପଞ୍ଚାୟତର ଚଡିଆପଲ୍ଲୀ, ସଂକୁରୁ ପଞ୍ଚାୟତର ଘୋଳପୁର ସମେତ ଜଗନ୍ନାଥପ୍ରସାଦ ବ୍ଲକ ମରେଇପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ନିମପଦର ବୁଥ ଏବଂ ଆସିକା ବ୍ଲକର ଗହଙ୍ଗୁ ବୁଥ୍‌କୁ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଥିବା ଆଇଆଇସି ଚିତ୍ତ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

## ୮ ସରପଞ୍ଚ, ୬ ସମିତିସଭ୍ୟ, ୨୨ ୱାର୍ଡସଭ୍ୟ ନାମାଙ୍କନ ପ୍ରତ୍ୟାହାର

ଦିଗପହଣ୍ଡି,୨୪।୧(ଡି.ଏନ.ଏ.)

ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଯାଞ୍ଚ ସମୟରେ ସମସ୍ତ ପ୍ରାର୍ଥୀପତ୍ର କାଏମ୍ ରହିଥିଲା। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଦିଗପହଣ୍ଡି ବ୍ଲକର ୨୫ ଗ୍ରାମ ପଞ୍ଚାୟତ ମଧ୍ୟରୁ ୧୦୮ ସରପଞ୍ଚ, ୮୮ ସମିତିସଭ୍ୟ ଓ ୭୦୯ ୱାର୍ଡସଭ୍ୟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସୋମବାର ୮ ସରପଞ୍ଚ, ୬ ସମିତିସଭ୍ୟ ଓ ୨୨ ୱାର୍ଡସଭ୍ୟ ସେମାନଙ୍କ ପତ୍ର ପ୍ରତ୍ୟାହାର କରି ନେଇଥିବା ନିର୍ବାଚନ ଅଧିକାରୀ ବିଡିଓ ହଳଧର ଶବରଙ୍କଠାରୁ ସୂଚନା ମିଳିଛି। ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ। ଚୂଡାନ୍ତ ପ୍ରାର୍ଥୀପତ୍ର ତାଲିକା ପ୍ରକାଶ ପାଇବା ସହ ନିର୍ବାଚନରେ ପ୍ରାର୍ଥୀଙ୍କ ସ୍ଥିତି ନେଇ ଚିତ୍ର ସ୍ପଷ୍ଟ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନିର୍ବାଚନ ପ୍ରକ୍ରିୟା ସରଗରମ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଚଳିତ ନିର୍ବାଚନରେ ଏତେ ସଖ୍ୟକ ଆଶୟୀମାନେ ନାମାଙ୍କନ ପତ୍ର ଦାଖଲ କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ହେବା ସହ ଆସନ୍ତା ନିର୍ବାଚନରେ ବିଜେଡି-ବିଜେଡି ମଧ୍ୟରେ କଡା ଟକ୍କର ହେବା ସ୍ପଷ୍ଟ ଆଭାସ ମିଳୁଛି।

## ଜିଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ


ଜିଲାପାଳ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ।

କାଶୀନଗର,୨୪।୧

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ସୋମବାର କାଶୀନଗର ଗସ୍ତ କରି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। କୁକୁଡ଼ା ଚାଷ ୟୁନିଟକୁ ପରିଦର୍ଶନରେ ଯାଇ ରାଜ୍ୟର କୁକୁଡ଼ା ଚିଆଁ ଲେୟର ୟୁନିଟ ପ୍ଲାନରେ ନିର୍ମିତ ଶେଡ୍ ଦେଖି ତୁରନ୍ତ ଅଣ୍ଡା ଉତ୍ପାଦନ ଆରମ୍ଭ କରିବା ନିମନ୍ତେ ପ୍ରୋଜେକ୍ଟ ହିତାଧିକାରୀ କେ. ତେଜେଶ୍ୱର ରାଓ, କେ. କଳାବତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ଏକ ବୈଠକ କରି କିପରି ଅଣ୍ଡା ବିକ୍ରି, ଉତ୍ପାଦନ ଉଚିତ ମୂଲ୍ୟରେ ଯୋଗାଇ ଦିଆଯାଇପାରିବ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିସ୍ତଲାଠାରେ ଚାଲିଥିବା ଟିକାଦାନ କେନ୍ଦ୍ର, ଜୟ ମା ସନ୍ତୋଷୀ ଏସ୍‌ଏଚ୍‌ଜି ଗ୍ରୁପର ଜୋତା ତିଆରିର ତଦାରଖ ମଧ୍ୟ କରିଥିଲେ। ଜିଲାପାଳଙ୍କ ସହ ତହସିଲଦାର ସୀମାଞ୍ଚଳ ମହାନ୍ତି, ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଡ଼ା. ପାର୍ଥସାରଥି ବେହେରା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବାଣୀକାନ୍ତ ଖଟୁଆ, ଗଜପତି ମୁଖ୍ୟ ଚିକିତ୍ସାଧିକାରୀ ଡା. ପି.କେ. ପାତ୍ର ଡାକ୍ତରଖାନା ସମସ୍ୟା ଅନୁଧ୍ୟାନ କରିଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ବାଦପୁରବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

ପାରଳାଖେମୁଣ୍ଡି,୨୪।୧(ଡି.ଏନ୍.ଏ.)

ମୋହନା ବ୍ଲକର ଲୁହାଗୁଡି ପଞ୍ଚାୟତର ସିକୁଲିପଦର ଗ୍ରାମ ଅନ୍ତର୍ଗତ ବାଦପୁରର ଆଦିବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ଅଭିଯୋଗରେ ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୋମବାର ଗାଁ ଲୋକେ ଏକତ୍ରିତ ହୋଇ ଏକ ଲିଖିତ ଅଭିଯୋଗ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଗାଁରେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଶିକ୍ଷା, ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ବାଦପୁର ଗ୍ରାମବାସୀ ବିଭିନ୍ନ ସମୟରେ ଜିଲାପାଳଙ୍କଠାରୁ ଆରମ୍ଭକରି


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରାଯାଇଛି। କିନ୍ତୁ ଆଜିଯାଏ କେହି ଶୁଣି ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଚଳିତ ତ୍ରିସ୍ତରୀୟ ପଞ୍ଚୟତ ନିର୍ବାଚନରେ ଗାଁ ଲୋକେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଇଟ୍ - ବୃନ୍ଦାବନ କାର୍ଜି(ଗ୍ରାମବାସୀ)ଗଜପତି ଜିଲା ମୋହନା ବ୍ଲକର ଲୁହାଗୁଡି ପଞ୍ଚାୟତର ବାଦପୁର ଗାଁ ଲୋକ ମୌଳିକ ସୁବିଧାସୁଯୋଗରୁ ବଞ୍ଚିତ ଅଭିଯୋଗରେ ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ଗାଁ ଲୋକେ ଏକତ୍ରିତ ହୋଇ ଏକ ଲିଖିତ ଅଭିଯୋଗ ନେଇ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଗାଁରେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା, ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ବାଦପୁର ଗ୍ରାମବାସୀ ବିଭିନ୍ନ ସମୟରେ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରାଯାଇଛି କିନ୍ତୁ ଆଜିଯାଏ କେହି ତାଙ୍କ ଗୁହାରି ଶୁଣୁନଥିବା ଅଭିଯୋଗ କରିଛନ୍ତି। ତେଣୁ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗାଁ ଲୋକେ ନିଷ୍ପତ୍ତି ନେଇଛନ୍ତି।